# "ମହିଳାଙ୍କୁ ବାନ୍ଧିବା ପାଇଁ ଗୋଟିଏ ଆଇନ୍ ବହି ଲେଖ, ତାକୁ ଧରି ଆସିଲେ ତାକୁ ବାନ୍ଧିବୁ" !

ମୋର ନାମ ସଞ୍ଜୟ ମଲ୍ଲିକ୍ (ଛଦ୍ମନାମ) । ଘର ବଂଗରପାଳ ଥାନା, ଅନୁଗୁଳ ଜିଲ୍ଲାରେ । ବାପା ବିଭିନ୍ନ ଲୋକ ଘରେ କାମଧନ୍ଦା କରି ଚଳନ୍ତି । ଆମେ ତିନି ଭଉଣୀ ତିନି ଭାଇ । ମୁଁ ମଝିଆ ପୁଅ ଅଟେ । ଘରର ଆର୍ଥିକ ଅନାଟନ ହେତୁ ଭଲ ଛାତ୍ର ହୋଇଥିଲେ ମଧ୍ୟ ପାଠ ପଢିପାରିଲି ନାହିଁ । ୨୦୦୫ ମସିହାରେ ପଇସାର ଅଭାବ ହେତୁ ଦଶମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହେଲି । ଗାଁ ପାଖର ଜଣେ ମଧ୍ୟସ୍ଥିଙ୍କ ପ୍ରସ୍ତାବ ଅନୁସାରେ ମୋର ବିବାହ ତା-୧୫-୦୩-୨୦୧୨ ରିଖ ଦିନ ହୋଇଥିଲା । ବିବାହର ତିନି ମାସ ପରେ ମୋ ସ୍ତ୍ରୀ ମତେ କହିଲା, ସେ ମୋତେ ବିବାହ କରିବା ପାଇଁ ଅରାଜି ଥିଲା । ମାତ୍ର ଘର ଲୋକଙ୍କର ଚାପର ବସବର୍ତ୍ତି ହୋଇ ମୋତେ ବିବାହ କରିଛି ବୋଲି । ସେ ତାଙ୍କ ଗାଁର ଜଣେ ପୁଅକୁ ଭଲପାଉଥିଲା । କିନ୍ତୁ ପରିବାରର ଲୋକ ଏହାକୁ ବିରୋଧ କରୁଥିଲେ । ଏବଂ ଅନିଚ୍ଛା ସତ୍ତ୍ୱେ ଜୋର୍ ଜବରଦସ୍ତି ତାଙ୍କୁ ବାହାଘର କରାଇ ଦେଇଛନ୍ତି । ଏକଥା ଶୁଣିଲା ପରେ ପୂର୍ବ କଥା ଭୂଲିଯିବା ପାଇଁ ମୁଁ ମୋ ସ୍ତ୍ରୀକୁ ବାରମ୍ବାର ଅନୁରୋଧ କଲା ସତ୍ତ୍ୱେ ସେ ମୋ କଥାକୁ ଶୁଣିଲା ନାହିଁ । ଓଲଟା ଉକ୍ତ ପୁଅକୁ ଘରକୁ ଡକାଇ ତା ସହିତ ଦୁଃଖସୁଖ ହେଲେ । ଏହାକୁ ମୁଁ ବିରୋଧ କରିବାରୁ ସେ ତାଙ୍କ ନିଜ ଘରକୁ ବାରମ୍ବାର ଏ ବିଷୟରେ ଭଦ୍ରଲୋକଙ୍କୁ ଡାକି ସମାଧାନ କରାଗଲା । କିନ୍ତୁ ଫଳ କିଛି ମିଳିଲା ନାହିଁ । ଥରେ ସେ ପୁଅ ସହିତ ଘରୁ ସେ ପଳାଇଗଲେ । ମୈତ୍ରିପୁର ଫାଣ୍ଡିରେ ମଧ୍ୟ ଘଟଣାକୁ ଜଣାଗଲା । ମାତ୍ର ଫଳ କିଛି ହେଲା ନାହିଁ ।ଏବେ ଗତ ତା-୦୨-୦୭-୨୦୧୬ରିଖ ଦିନ ଘରେ ଥିବା ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦିକୁ ଧରି ଉକ୍ତ ପ୍ରେମିକଙ୍କ ସହିତ ସେ ଘରଛାଡ଼ି ପଳାଇ ଯାଇଛନ୍ତି । ଇତି ମଧ୍ୟରେ ଆମର ତା–୧୯-୦୬-୨୦୧୩ ରିଖ ଦିନ ଏକ ଝିଅ ମଧ୍ୟ ଜନ୍ମ ହେଇଥିଲା । ଯାହାକୁ ନେଇ ମୋ ସ୍ତ୍ରୀ ଘରୁ ଲୁଚି ପଳାଇଛନ୍ତି । ଏହି କଥାଯାଇ ବଂଗରପାଳ ଥାନାରେ ଅଭିଯୋଗ କରିବାରୁ ବଂଗରପାଳ ଥାନାର ପୁଲିସ୍ ବାବୁ କହିଲେ ଆମେ କିଛି କରିପାରିବୁ ନାହିଁ । ଗୋଡ଼ତଳେ ପଡ଼ି ନେହୁରା ହୋଇ କହିବାରୁ ଥାନା ବାବୁ ମୋତେ ତାସ୍ଚଲ୍ୟ କରି କହିଲେ ଗୋଟିଏ କାମ କର । "ମହିଳାଙ୍କୁ ବାନ୍ଧିବା ପାଇଁ ଗୋଟିଏ ଆଇନ୍ ବହି ଲେଖ, ତାକୁ ଧରି ଆସିଲେ ତାକୁ ବାନ୍ଧିବୁ" । ଯଥାଶୀଘ୍ର ଥାନା ଛାଡ଼ି ପଳା ନତୁବା ଯଦି ତୋର ସ୍ତ୍ରୀ ଆସି ତୁମମାନଙ୍କ ନାମରେ ଏଠି ଅଭିଯୋଗ କରେ ତେବେ ତୁମେ ବନ୍ଧାହେବା ସାର ହେବ । ଏପରିସ୍ଥଳେ ମୁଁ କହାକୁ କହିବି କଣ କରିବି କିଛି ବୁଝିପାରୁ ନାହିଁ । ଗାଁର ସାହିପଡ଼ିସାଙ୍କ ଲୋକ ନିନ୍ଦା ସହ୍ୟ କରିବା ବଡ଼ କଷ୍ଟ ହେଉଛି । ଏପରିକି ଲୋକମାନେ ଚୁଗୁଲି ଥଟ୍ଟାରେ କହୁଛନ୍ତି, ମୋର ପୁରୁଷତ୍ୱ ନାହିଁ ବୋଲି । ମୁଁ କଣ ଆତ୍ମହତ୍ୟା କରିନେବା ଠିକ୍ ହେବ......... ? ? ?


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।